# କଟକ ସିଟି





### ଉଚ୍ଚ ଅଟ୍ଟାଳିକାରେ ମାଳମାଳ କୋଚିଂ ସେଣ୍ଟର

## ସୁଧୁରିବ କି ଅଗ୍ନି ନିରାପତ୍ତା ବ୍ୟବସ୍ଥା

**କଟକ,୨୨।୬(ସମିସ)**

ଉତ୍ତରପ୍ରଦେଶ ଲକ୍ଷ୍ନୌ ସହରର ଏକ କୋଚିଂ ସେଣ୍ଟରରେ ଘଟିଥିବା ଭୟାବହ ଅଗ୍ନିକାଣ୍ଡ ଘଟଣା ଓ ଏଥିରେ ୧୪ ଜଣଙ୍କ ପ୍ରାଣହାନି ସାରା ଦେଶରେ ଆଲୋଡନ ସୃଷ୍ଟି ହୋଇଛି। ଏହି ଘଟଣା ପରେ କଟକ ସହରରେ ଥିବା ଉଚ୍ଚ ଅଟ୍ଟାଳିକାଗୁଡିକରେ ଚାଲିଥିବା କୋଚିଂ ସେଣ୍ଟରଗୁଡିକର ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନିୟମ ଅନୁସାରେ ରହିଥିବା ଦୁଇ ମହଲାରୁ ତଦୁର୍ଦ୍ଧ୍ବ କୋଠାଗୁଡିକରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ବାଧ୍ୟତାମୂଳକ ରହିଛି। ସହରରେ ବଡ ବଡ କୋଠାରେ ୧୦୦ରୁ ଅଧିକ କୋଚିଂ ସେଣ୍ଟର ଚାଲୁଛି। ଏଗୁଡିକରେ ଆବଶ୍ୟକ ଅଗ୍ନି ନିରାପତ୍ତା ବ୍ୟବସ୍ଥା ରହିଛି କି ନାହିଁ ତାହା ସନ୍ଦେହ ଘେରରେ ରହିଛି। କୋଚିଂ ସେଣ୍ଟରଗୁଡିକୁ ବିଦ୍ୟାଳୟଠାରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ପଢ଼ିବାକୁ ଯାଉଛନ୍ତି। ତେବେ ଲକ୍ଷ୍ନୌ ଘଟଣାର ପୁନରାବୃତ୍ତି ଏଠାରେ ଯେ ନ ହେବ ତାହା କିଏ କହିବ ?

ନିୟମାନୁସାରେ, ଉଚ୍ଚ ଅଟ୍ଟାଳିକାରେଗୁଡିକରେ ଗଢି ଉଠୁଥିବା ଏହି ପ୍ରତିଷ୍ଠାନରେ ଅଗ୍ନିନିର୍ବାପକ ଯନ୍ତ୍ର ଆବଶ୍ୟକତା ଅନୁସାରେ ରହିବା କଥା; କିନ୍ତୁ ଅଧିକାଂଶରେ ଏହା ନାହିଁ। ଅଗ୍ନି ନିର୍ବାପକ ଯନ୍ତ୍ର ରହିଥିଲେ ବି ଏଗୁଡିକ କାର୍ଯ୍ୟ କରୁଛି

**ଲକ୍ଷ୍ନୌ ଘଟଣା ପରେ କଟକ ସହରରେ ସୁରକ୍ଷା ଚିନ୍ତା**

କି ନାହିଁ ତାହା ସନ୍ଦେହ ଭିତରେ ରହିଛି। ସେହିପରି ସମ୍ପୃକ୍ତ ସଂସ୍ଥାର କର୍ମଚାରୀ ଏହି ଯନ୍ତ୍ର ପରିଚାଳନା ପାଇଁ ତାଲିମପ୍ରାପ୍ତ ହୋଇଥିବା ଆବଶ୍ୟକ। କେତେକ ସ୍ଥାନରେ ଅଗ୍ନି ନିର୍ବାପକ ଯନ୍ତ୍ର ରହିଥିଲେ ବି ଏଗୁଡିକର ହୋସ୍ ପାଇପ କାର୍ଯ୍ୟ କରୁ ନଥିବାର ଜଣାପଡିଛି। ଉଚ୍ଚ ଅଟ୍ଟାଳିକାରେ ଜରୁରିକାଳୀନ ପ୍ରସ୍ଥାନ ଦ୍ୱାର ରହିବା ବାଧ୍ୟତାମୂଳକ; କିନ୍ତୁ କେଉଁଠି ଏହା ଆଦୌ÷ ନାହିଁ ତ କେଉଁଠି ଏଗୁଡିକ ବନ୍ଦ ଅବସ୍ଥାରେ ରହିଛି। ଫଳରେ ଅଗ୍ନିକାଣ୍ଡ ଘଟିଲେ ସେଥିରୁ ବାହାରିବା ମୁସ୍କିଲ। ଯେଉଁ ସ୍ଥାନରେ ଏଗୁଡିକ ରହଥିବ ତାହାର ସମ୍ମୁଖ ଭାଗ ଉନ୍ମୁକ୍ତ ରହିଥିବ। ହେଲେ ଏହା ପାର୍କିଂ ପାଇଁ ବ୍ୟବହାର ହେଉଥିବାରୁ ହଠାତ ଦମକଳ ମଧ୍ୟ ପହଞ୍ଚିବାରେ ସମସ୍ୟା ରହିଛି।

ଅତୀତରେ ଅଗ୍ନିଶମ ବିଭାଗ କୋଚିଂ ସେଣ୍ଟରଗୁଡିକରେ ଅଗ୍ନି ନିର୍ବାପକ ବ୍ୟବସ୍ଥା ଯାଞ୍ଚ କରିଥିବାର ନଜିର ରହିଛି। ହେଲେ ଏହା ନିୟମିତ କରାଯାଉ ନଥିବାର ଅଭିଯୋଗ ହୋଇଛି। ବିଶେଷକରି ବିଦ୍ୟୁତ ସଟସର୍କିଟରୁ ଅଧିକାଂଶ ଅଗ୍ନିକାଣ୍ଡ ଘଟିଥାଏ। ସହରରେ ମାଳମାଳ ଉଚ୍ଚ ଅଟ୍ଟାଳିକା ଥିଲା ବେଳେ ଏଗୁଡିକରେ ଘରୋଇ ଶିକ୍ଷାନୁଷ୍ଠାନ, କୋଚିଂ ସେଣ୍ଟର, ମଲ୍ ଆଦି ଚାଲି ଆସୁଛି। ଉଚ୍ଚ ଅଟ୍ଟାଳିକାରେ ଗଢି ଉଠିଥିବା କୋଚିଂ ସେଣ୍ଟର, ସପିଙ୍ଗ ମଲ ତଥା ଅନ୍ୟ ପ୍ରତିଷ୍ଠାନଗୁଡିକରେ କିନ୍ତୁ ଅଗ୍ନି ନିରାପତ୍ତା ନାମକୁ ମାତ୍ର ପାଳନ ହେଉଥିବା ଅଭିଯୋଗ ହେଉଛି। କଟକରେ ୨୦୧୮ ଫେବୃଆରୀ ୪ରେ ଏକ ମଲରେ ଘଟିଥିବା ଭୟାବହ ଅଗ୍ନିକାଣ୍ଡ ଏବେ ବି ମନରୁ ଲିଭିନି; ଯାହା ଅଗ୍ନିଶମ ବିଭାଗ ପାଇଁ ଆହ୍ୱାନ ସୃଷ୍ଟି କରିଥିଲା। ଏହାପରେ ଅଗ୍ନିଶମ ବିଭାଗ ପକ୍ଷରୁ କିଛିଟା ଯାଞ୍ଚ କରାଯାଇଥିଲେ ମଧ୍ୟ ଏହା ନାମକୁ ମାତ୍ର ହୋଇ ରହିଯାଇଛି। ଅତୀତରେ କେତେକ କୋଚିଂ ସେଣ୍ଟରଗୁଡିକୁ ଅଗ୍ନିଶମ ବିଭାଗ ପକ୍ଷରୁ ନୋଟିସ ମଧ୍ୟ ଜାରି ହୋଇଥିଲା। ଇତିମଧ୍ୟରେ ବହୁ ବର୍ଷ ଅତିବାହିତ ହୋଇଯାଇଥିବା ବେଳେ ଅଗ୍ନିଶମ ବିଭାଗ ଆଖିଦୃଶିଆ ପଦକ୍ଷେପ ନେଇପାରିନାହିଁ। ସେହିଭଳି ଅନେକ ସଂସ୍ଥା ବି ଅଗ୍ନିଶମ ବିଭାଗଠାରୁ ଏନଓସି ପାଇନାହାଁନ୍ତି। ଅଗ୍ନିଶମ ଅଧିକାରୀଙ୍କ କହିବାନୁସାରେ, ବ୍ୟବସାୟିକ ଉଚ୍ଚ ଅଟ୍ଟାଳିକାଗୁଡିକର ଅଗ୍ନି ନିରାପତ୍ତା ବ୍ୟବସ୍ଥା ଯାଞ୍ଚ ପାଇଁ ଖୁବଶୀଘ୍ର ଅଭିଯାନ ହେବ।

## ପଲ୍ଲୀ ପ୍ରତିଭା ସାହିତ୍ୟ ଓ ସଂସ୍କୃତି ସଂସଦର ସାରସ୍ୱତ ସମ୍ମେଳନ




**କଟକ,୨୨।୬(ସମିସ):** ପଲ୍ଲୀ ପ୍ରତିଭା ସାହିତ୍ୟ ଓ ସଂସ୍କୃତି ସଂସଦର କବି ସମ୍ମିଳନୀ ଏବଂ ସାହିତ୍ୟ ଆଲୋଚନା ସଭା ଗତିରାଉତ ପାଟଣାସ୍ଥିତ କାର୍ଯ୍ୟାଳୟରେ "ଆସ ଆମେ ମାଟିକୁ ଭଲ ପାଇବା' ଶୀର୍ଷକ ବିଷୟବସ୍ତୁକୁ ନେଇ ଆୟୋଜିତ ହୋଇଯାଇଛି। ଏଥିରେ ସଭାପତି ଚୈତନ୍ୟ ରାଉତଙ୍କ ଅଧ୍ୟକ୍ଷତାରେ କରିଥିଲେ। ଉଦଘାଟକ ଭାବରେ ଡାକ୍ତର କମଳାକାନ୍ତ ନାୟକ, ମୁଖ୍ୟଅତିଥି ଭାବେ ଉତ୍କଳ ସାହିତ୍ୟ ସମାଜର ସାଧାରଣ ସମ୍ପାଦକ ରାଜୀବ କୁମାର ଷଡ଼ଙ୍ଗୀ, ସମ୍ମାନିତ ଅତିଥି ସମ୍ପର୍କ ସାହିତ୍ୟ ସଂସ୍କୃତି ସଂସଦର ସଭାପତି କୈଳାସଚନ୍ଦ୍ର ଜେନା, ଶ୍ରୀଦୁର୍ଗା ସାହିତ୍ୟ ସଂସଦର ସଭପତି ଚୈତନ୍ୟ ସାହୁ, ମୁଖ୍ୟବକ୍ତା ଭାବରେ ଆଷାଢ଼ ସାହିତ୍ୟ ସଂସଦର ସଭାପତି ପୀତାମ୍ବର ମହାପାତ୍ର, ସୁବାସ ବିଶ୍ୱାଳ ବକ୍ତବ୍ୟ ପ୍ରଦାନ କରି ପଲ୍ଲୀର ପ୍ରତିଭାଙ୍କୁ ବିମୋହିତ କରିଥିଲେ। କବି ଛବିରାମ ସେଠୀ, କବୟିତ୍ରୀ ଛବିରାଣୀ ପତି ଏବଂ ଡେଜି ରାଉତଙ୍କ ସଂଯୋଜନାରେ ୪୦ରୁ ଅଧିକ କବି ସ୍ୱରଚିତ କବିତା ପାଠ କରିଥିଲେ। ଏହି ଅବସରରେ ବିଶିଷ୍ଟ ସାମ୍ବାଦିକ କମଳା କାନ୍ତ ଦାଶଙ୍କୁ "ପଲ୍ଲୀ ପ୍ରତିଭା ସାମ୍ବାଦିକ ସମ୍ମାନ ୨୦୨୫'ରେ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦିକା ଗୀତାଞ୍ଜଳି ପୃଷ୍ଟି ଅତିଥି ପରିଚୟ ଏବଂ ସ୍ୱାଗତ ଭାଷଣ ପ୍ରଦାନ କରିଥିଲା ବେଳେ କବି ମନୋରଞ୍ଜନ ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ। ଶକ୍ତି ସ୍ୱରୂପ ରାଉତ ଏବଂ ଅଭିଜିତ ଜେନା ସହଯୋଗ କରିଥିଲେ।

## ଯୁବ ପିଢ଼ି ମଧ୍ୟରେ ନାଗରିକ ସଚେତନତାର ଜାଗରଣ ସୃଷ୍ଟି କଲା କ୍ୟୁରିଓକ୍ୱେଷ୍ଟ

**କଟକ, ୨୨।୬(ସମିସ):** ମିଶନ ରୋଡ ସେଣ୍ଟ ଜେଭିଅର୍ସ ହାଇସ୍କୁଲ ଓ ଏମିନୋରା ଗ୍ରୁପ୍‌ର ମିଳିତ ଆନୁକୂଲ୍ୟରେ କ୍ୟୁରିଓକ୍ୱେଷ୍ଟ-୨୦୨୬ ନାମକ ଏକ ଆନ୍ତଃବିଦ୍ୟାଳୟ ନାଗରିକ ସଚେତନତା କୁଇଜ୍ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ନିଜ ଜ୍ଞାନ, ବିଶ୍ଳେଷଣାତ୍ମକ ଚିନ୍ତାଧାରା ଓ ନାଗରିକ ସଚେତନତା ପ୍ରଦର୍ଶନ ପୂର୍ବକ ୧୦୦ରୁ ଅଧିକ ବିଦ୍ୟାଳୟର ପ୍ରାୟ ୧୫୦ ଛାତ୍ରଛାତ୍ରୀ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ଚ୍ୟାଲେଞ୍ଜିଂ ଓ ରୋଚକ




ପର୍ଯ୍ୟାୟ ମାଧ୍ୟମରେ ପ୍ରତିଯୋଗୀମାନେ ସମସାମୟିକ ଘଟଣାବଳୀ, ଶାସନ ବ୍ୟବସ୍ଥା, ନାଗରିକତା ଓ ସାମାଜିକ ଦାୟିତ୍ୱ ସମ୍ପର୍କରେ ନିଜର ଉଲ୍ଲେଖନୀୟ ଜ୍ଞାନ ପ୍ରଦର୍ଶନ କରିଥିଲେ। ସେଣ୍ଟ ଜେଭିଅର୍ସ ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ରୂପା ମିଶ୍ରଙ୍କ ଦୂରଦର୍ଶୀ ନେତୃତ୍ୱ ଓ ମାର୍ଗଦର୍ଶନରେ ଏହି କାର୍ଯ୍ୟକ୍ରମ ସଫଳତାର ସହ ସମ୍ପନ୍ନ ହୋଇଥିଲା। ଏମିନୋରା ଗ୍ରୁପ୍ ପକ୍ଷରୁ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ବିଶିଷ୍ଟ କୁଇଜ୍ ମାଷ୍ଟର ଅନୁରାଗ ସାମନ୍ତରାୟ ଏହି କୁଇଜ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଟ୍ରଫି, ପଦକ, ପ୍ରମାଣପତ୍ର ଓ ଅନ୍ୟାନ୍ୟ ପୁରସ୍କାର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା।

## ଏଆରଟି କେନ୍ଦ୍ରରେ ଓସାକ୍ସ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ସ୍ୱାଗତ

**କଟକ,୨୨।୬(ସମିସ):** ଏଚ୍ଆଇଭି ସଂକ୍ରମିତ ବ୍ୟକ୍ତିମାନଙ୍କ ପାଇଁ ରାଜ୍ୟ ସରକାରଙ୍କ ତରଫରୁ ସାମଗ୍ରିକ ସ୍ୱାସ୍ଥ୍ୟସେବା ସହିତ ମାଗଣାରେ ଔଷଧ ଉପଲବ୍ଧ କରିବା ଉଦ୍ଦେଶ୍ୟରେ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲ ପରିସରରେ କାର୍ଯ୍ୟ କରୁଥିବା ଆଣ୍ଟି ରେଟ୍ରୋଭାଇରାଲ ଥେରାପି କେନ୍ଦ୍ରରେ ଓସାକ୍‌ସର ନବନିଯୁକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଡ଼. ରୂପଭାନୁ ମିଶ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ



କରାଯାଇଛି। କଟକ ଏଆରଟି କେନ୍ଦ୍ରର ନୋଡାଲ ଅଫିସର ଡାକ୍ତର ଜୟନ୍ତ କୁମାର ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଜଏଣ୍ଟ ଡ଼ାଇରେକ୍ଟର ସିଏସଟି ଡ଼. ନମିତା ମିଶ୍ର କାର୍ଯ୍ୟ ପ୍ରଗତି ସମୀକ୍ଷା କରିବା ସହିତ କେନ୍ଦ୍ରରେ କାର୍ଯ୍ୟରତ ସମସ୍ତ କର୍ମଚାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିନିଧିଙ୍କୁ ସୁସଂଯୋଜିତ ଭାବରେ କାର୍ଯ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଉତ୍କଳ ସେବକ ସମାଜର ସମ୍ପାଦକ ତଥା ଜିଲ୍ଲା ସ୍ୱେଚ୍ଛାସେବୀ ସମନ୍ୱୟ ସମିତିର ଆବାହକ ଆଇନଜୀବୀ ଅମିୟ ଭୂଷଣ ବିଶ୍ୱାଳ ଠିକ ସମୟରେ ଅଧିକରୁ ଅଧିକ ଚିହ୍ନଟ, ସଅଳ ଔଷଧ ସେବନ ସହ ସକାରାତ୍ମକ ଜୀବନଶୈଳୀ ସୁସ୍ଥ ନିରାମୟ ଜୀବନ ଧାରଣ କରିବାରେ ସହାୟକ ହୋଇପାରିବ ବୋଲି ମତ ପ୍ରଦାନ କରିଥିଲେ। ଡାକ୍ତର ଅଶୋକ ଦାସ, ଡାକ୍ତର ଦେବଦତ୍ତା ଆଚାର୍ଯ୍ୟ, ଡାକ୍ତର ଦୀପିକା ଦତ୍ତରାୟ, ଜିଲ୍ଲା ପ୍ରକଳ୍ପ ଅଧିକାରୀ ଦେବବ୍ରତ ଦାସ ପ୍ରମୁଖ ଯୋଗ ଦେଇଥିଲେ।

## ଡ୍ରିମ୍ସ କର୍ମଚାରୀଙ୍କ ବିୟୋଗରେ ଶୋକ

**କଟକ,୨୨।୬(ସମିସ):** ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ବରିଷ୍ଠ କର୍ମଚାରୀ ବଟକୃଷ୍ଣ ଜେନାଙ୍କ ଅକାଳ ବିୟୋଗରେ ଶୋକସଭା ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସ୍ୱର୍ଗତ ଜେନାଙ୍କ ଫଟୋଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ୱଳନ ସହ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦଚନ୍ଦ୍ର ରଥ, ସହଅଧ୍ୟକ୍ଷ ଇଂ ଦୁର୍ଗାପ୍ରସାଦ ରଥ, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଖ ଅଭାସୀ ମାଧ୍ୟମରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର ପୌରୋହିତ୍ୟ କରି କହିଲେ, ଡ୍ରିମ୍ସ ପ୍ରତିଷ୍ଠା ଦିନରୁ ହିଁ କାର୍ଯ୍ୟକରିଆସୁଥିବା ବଟକୃଷ୍ଣ ସମସ୍ତ ଦାୟିତ୍ୱ ସଠିକ୍ ଭାବରେ ନିର୍ବାହ କରୁଥିଲେ। ଅଧ୍ୟାପକ ଡ. ଅଜିତ୍ ମହାପାତ୍ର, ରେଜିଷ୍ଟ୍ରାର କୃଷ୍ଣପ୍ରସାଦ ପତି, ଡେପୁଟୀ ରେଜିଷ୍ଟ୍ରାର ଶିଶିର ସାହୁ, ନିର୍ଦ୍ଦେଶକ ଲୋକନାଥ ବେହେରା, ନିର୍ଦ୍ଦେଶକ ଡ. ଆଲୋକ ରଂଜନ ବିଶ୍ୱାଳ, ଡିନ୍ ଡ. ବିଶ୍ୱରଂଜନ ମହାନ୍ତି, ଡ. ନୟନ ରଂଜନ ସାମଲ, ଡ. ଦୁର୍ଗାପ୍ରସାଦ ମିଶ୍ର, ଡ. କୁମ୍ଭକର୍ଣ୍ଣ ରାଉତ, ଡ. ବିଶ୍ୱରଂଜନ ଷଡଙ୍ଗୀ, ସଚିବ ସୁଧାଂଶୁ ଭୂଷଣ କର, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ସୁନୟ ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗର ଅଧ୍ୟାପକ, ଅଧ୍ୟାପିକା, ଅଧିକାରୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଲୋକସଂପର୍କ ଅଧିକାରୀ ନିରାକାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



### ମହିଳାଙ୍କୁ ଲୁଟ୍

## ୨ ପେସାଦାରା ଲୁଟେରାଙ୍କୁ କାବୁକଲା ପୁଲିସ

**କଟକ,୨୨।୬(ସମିସ):** ଦରଘାବଜାର ଥାନା ଅଞ୍ଚଳରେ ଦିନ ଦ୍ୱିପ୍ରହରରେ ଜଣେ ମହିଳାଙ୍କୁ ଲୁଟ ଉଦ୍ୟମ ହୋଇଛି। ଏହି ଘଟଣାରେ ପୁଲିସ ୨ଜଣ କୁଖ୍ୟାତ ଲୁଟେରାଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ମଠସାହି ଗୋପାଳଜୀଉ ଲେନର ଗୁଡା ଗୋଚ୍ଛାୟତ(୨୬) ଓ ତେଲେଙ୍ଗାବଜାରର ମନୋଜ ଜୁତାକି(୩୩)। ୨ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଜାମିନ୍ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ଚୌଦ୍ୱାର ଜେଲ୍‌କୁ ପଠାଇ ଦିଆଯାଇଛି। ଆଜି ମଧ୍ୟାହ୍ନରେ କାଜିବଜାର ଅଞ୍ଚଳର ସୁରେନ୍ଦ୍ର ଯୋଶୀଙ୍କ ପତ୍ନୀ ସୁଶୀଳା ତାଙ୍କ ନଣନ୍ଦ ଘରକୁ ଆସିଥିଲେ। ଦିନ ପ୍ରାୟ ସାଢେ ୨ଟାରେ ସୁଶୀଳା ଗଙ୍ଗାମନ୍ଦିର ଛକରେ ପହଞ୍ଚି ପୁଅକୁ ଅପେକ୍ଷା କରିଥିଲା ବେଳେ ଗୌରୀଶଙ୍କର ପାର୍କ ପଟୁ ହଠାତ ଉପରୋକ୍ତ ଦୁଇ ଦୁର୍ବୃତ୍ତ ଏକ କଳା ବୁଲେଟରେ ଆସି ସୁଶୀଳାଙ୍କୁ ଧକ୍କା ଦେଇ ତାଙ୍କ ହାତରୁ ଭ୍ୟାନିଟି ବ୍ୟାଗ ଛଡାଇ ନେଇଥିଲେ। କିଛି ସମୟ ପରେ ସୁଶୀଳାଙ୍କ ପୁଅ ଗାଡି ଧରି ସେଠାରେ ପହଞ୍ଚିବା ପରେ ସେମାନେ ବାଲୁବଜାର ଅଭିମୁଖେ ଯାଇ ପୁଲିସକୁ ସୂଚନା ଦେଇଥିଲେ। ଦ୍ରୁତ ବେଗରେ ଗାଡି ଚଳାଇଯିବା ସମୟରେ ବାଲୁବଜାର ରାସ୍ତାରେ ଏକ ଷଣ୍ଢ ସହ ବୁଲେଟ ଧକ୍କା ହେବାରୁ ୨ ଜଣ ଦୁର୍ବୃତ୍ତ ତଳେ ପଡିଯାଇଥିଲେ। ପଛେ ପଛେ ଆସୁଥିବା ସୁଶୀଳାଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ୨ ଜଣଙ୍କୁ କାବୁ କରିନେଇଥିଲେ। ଦରଘାବଜାର ଥାନା ପୁଲିସ ସେଠାରେ ପହଞ୍ଚି ଦୁଇ ଦୁର୍ବୃତ୍ତଙ୍କୁ କାବୁ କରି ନେଇଥିଲା। ଅଭିଯୁକ୍ତ ଗୁଡା ଜଣେ ପେସାଦାର ଲୁଟେରା। ପୂର୍ବରୁ ତା' ନାଁରେ ଚୋରି, ଛିନତାଇ, ଲୁଟପାଟ ନେଇ ପୁରୀଘାଟ ଥାନାରେ ୧୨ଟା ଓ ଦରଘାବଜାର ଥାନାରେ ଗୋଟିଏ ମାମଲା ରହିଛି। ସେହିପରି ଅଭିଯୁକ୍ତ ମନୋଜ ନାଁରେ ବାଦାମବାଡି ଥାନାରେ ଗୋଟିଏ ଚୋରି ମାମଲା ରହିଥିବା ଥାନାଧିକାରୀ ରାକେଶ କୁମାର ବେହେରା ସୂଚନା ଦେଇଛନ୍ତି।

# ବିଭିନ୍ନ ସ୍ଥାନରେ ଅନ୍ତର୍ଜାତୀୟ ଯୋଗ ଦିବସ

### ରଘୁନାଥଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ



**କଟକ, ୨୨।୬(ସମିସ):** ଜୁନ୍ ୨୧ ତାରିଖ ଅନ୍ତର୍ଜାତୀୟ ଯୋଗ ଦିବସ କଟକ ସହରର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପାଳିତ ହୋଇଯାଇଛି। ଏହି ଅବସରରେ ରଘୁନାଥଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷା ଡଃ ସ୍ନେହଲତା ମିଶ୍ର ପିଲାମାନଙ୍କୁ ଯୋଗର ଉପକାରିତା ସମ୍ପର୍କରେ ବୁଝାଇଥିଲେ। ବରିଷ୍ଠ ଅଧ୍ୟାପକ ଡ଼ଃ ହେମନ୍ତ କୁମାର ପରିଡ଼ା, ଡଃ ସଞ୍ଜୟ ରାଉତ,ସମରେନ୍ଦ୍ର ନାୟକ, ଅକ୍ଷୟ ସେଠୀ, ଡାଏନା ଦେ, ଅମର ବିଶ୍ୱାଳ, ଆଇତା ବାହାଦୂର ପ୍ରମୁଖ ଯୋଗ କରିବାରେ ଅଧ୍ୟକ୍ଷାଙ୍କୁ ସହାୟତା କରିଥିଲେ।

### ଶହୀଦ ଭବନ



**କଟକ:** ନଗର ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ଆଜି ଶହୀଦ ଭବନରେ ସ୍ୱାସ୍ଥ୍ୟ ସଚେତନତା ଏବଂ ସୁସ୍ଥ ଜୀବନଶୈଳୀ ଗଠନରେ ଯୋଗର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରାଯାଇଥିଲା। କଟକ ମହାନଗର ନିଗମ (ସିଏମସି) ସ୍ୱାସ୍ଥ୍ୟ କମିଟି ଅଧ୍ୟକ୍ଷା ଦୀପ୍ତିମୟୀ ମୂଳିଆ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ସିଏମସି ଏଡିଏମଓ ଡା. ସତ୍ୟବ୍ରତ ମହାପାତ୍ର ଯୋଗର ସ୍ୱାସ୍ଥ୍ୟଗତ ଉପକାରିତାର ଆଲୋକପାତ କରିଥିଲେ। ନଗର ସ୍ୱାସ୍ଥ୍ୟ ମିଶନର ଅଧିକାରୀ, ସ୍ୱାସ୍ଥ୍ୟକର୍ମୀ, ଆଶା କର୍ମୀ ଏବଂ ବହୁସଂଖ୍ୟକ ସ୍ଥାନୀୟ ନାଗରିକ ସାମୂହିକ ଯୋଗାଭ୍ୟାସ କରିଥିଲେ।

### ମହାନଦୀବିହାର ଗୋଷ୍ଠୀ କେନ୍ଦ୍ର

**କଟକ:** ମହାନଦୀବିହାର ଡେଭଲପମେଣ୍ଟ ଆସୋସିଏସନ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ମହାନଦୀବିହାର ଗୋଷ୍ଠୀ କେନ୍ଦ୍ର ପ୍ରାଙ୍ଗଣରେ ପାଳନ କରାଯାଇଥିଲା। ମହାନଦୀବିହାର ମହିଳା ସମିତି, ବରିଷ୍ଠ ନାଗରିକ ମଞ୍ଚ, ମହାନଦୀବିହାର ପେନସନର୍ସ ଆସୋସିଏସନ, ଜଗନ୍ନାଥ ସାଂସ୍କୃତିକ ପରିଷଦ ଓ ଅନ୍ୟାନ୍ୟ ଅଗ୍ରଣୀ ସାମାଜିକ ଅନୁଷ୍ଠାନର ସଦସ୍ୟମାନେ ଯୋଗଦେଇଥିଲେ। ଶିବିରକୁ ଏମଡିଏର ସଭାପତି ସଞ୍ଜୟ କୁମାର ଜେନା ଉଦ୍‌ଘାଟନ କରି ବାର୍ଦ୍ଧକ୍ୟ ଅବସ୍ଥାରେ ଯୋଗର ଉପକାରିତା ଉପରେ ଆଲୋକପାତ କରିଥିଲେ। ଆସୋସିଏସନର ସାଧାରଣ ସମ୍ପାଦକ ହିମାଂଶୁ ଷଡ଼ଙ୍ଗୀ "ଯୋଗ କରନ୍ତୁ, ନିରୋଗ ରହନ୍ତୁ" ବାର୍ତ୍ତା ଉପରେ ଆଲୋକପାତ କରିଥିଲେ। ଆସୋସିଏସନର ବରିଷ୍ଠ ସଦସ୍ୟ ବିଷ୍ଣୁପ୍ରସାଦ କର ଯୋଗ ଶିକ୍ଷକ ଭାବେ ଶିବିର ପରିଚାଳନା କରିଥିବାବେଳେ ଡ଼ଃ ଅର୍ପିତା ପ୍ରିୟଦର୍ଶିନୀ ଯୋଗର ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ସମ୍ପର୍କରେ ଆଲୋକପାତ କରିଥିଲେ। ମହିଳା ଯୋଗ ଗୁରୁ ନିରୂପମା ପତି ବିଭିନ୍ନ ଯୋଗାଭ୍ୟାସ କରାଇଥିଲେ। ଶିବିରରେ ୪୭ ନମ୍ବର ୱାର୍ଡର କର୍ପୋରେଟର ଇଂ ସୁବ୍ରତ ଘଡ଼ାଇ, ରବୀନ୍ଦ୍ରନାଥ ମହାନ୍ତି, ରବୀନ୍ଦ୍ର ପ୍ରସାଦ ତ୍ରିପାଠୀ, ଟି. ସୁବାରାଓ, ସୁଶାନ୍ତ ଘୋଷ, ମହେନ୍ଦ୍ରନାଥ ପଣ୍ଡା, ପ୍ରହ୍ଲାଦଚନ୍ଦ୍ର ମହାନ୍ତି, ନିକୁଞ୍ଜ ବିହାରୀ ରଥ, ପ୍ରମୋଦଚନ୍ଦ୍ର ଦାଶ, ଶରତଚନ୍ଦ୍ର ଦାସ, ସୁଜିତାଭ ଶତପଥୀ, ଚୈତନ୍ୟ ବେହେରା, ନିର୍ମଳଚନ୍ଦ୍ର ପାଣି, ଭାଗୀରଥୀ ସାମଲ, ଅକ୍ଷୟ ପରିଜା, ବିଜୟ ମହାପାତ୍ର, ଚତୁର୍ଭୁଜ ମହାପାତ୍ରଙ୍କ ସମେତ ବିଭିନ୍ନ ଅନୁଷ୍ଠାନର ବହୁ ସଦସ୍ୟ



ଉପସ୍ଥିତ ଥିଲେ। ଡ଼ଃ ଅବନ୍ତୀ ଦାସ ମହାପାତ୍ର ଏବଂ ୱେଲନେସ୍ କୋଚ୍‌ଙ୍କ ଦ୍ୱାରା ଶିବିରାର୍ଥୀଙ୍କର ବଡି ପାରାମିଟର ପରୀକ୍ଷା କରାଯାଇଥିଲା। ଏମଡିଏ ଉପସଭାପତି ସରୋଜ ପ୍ରସାଦ ସ୍ୱାଇଁ ଧନ୍ୟବାଦ ଜଣାଇଥିଲେ।

### କ୍ରିଷ୍ଣା କନ୍‌ସିଅସ୍‌ନେସ୍ ମୋରାଲ୍ ସ୍କୁଲ୍



**କଟକ:** ମହାନଦୀବିହାରସ୍ଥିତ ଆଧ୍ୟାତ୍ମିକ ଶିକ୍ଷାନୁଷ୍ଠାନ କ୍ରିଷ୍ଣା କନ୍‌ସିଅସ୍‌ନେସ୍ ମୋରାଲ୍ ସ୍କୁଲ୍ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ଡକ୍ଟର ପ୍ରଭାତ ରଞ୍ଜନ ବିଶ୍ୱାଳ ମଣିଷ ଶରୀର ଓ ମନ ଉପରେ ଯୋଗର ସୁପ୍ରଭାବ ବିଷୟରେ କହିଥିଲେ। ସ୍କୁଲ୍‌ର ପ୍ରିନ୍‌ସିପାଲ ରୀତା ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଅନ୍ନପୂର୍ଣ୍ଣା ଦାସ, ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ରାଜକିଶୋର ମହାନ୍ତି, ଯୋଗଗୁରୁ ହୀରା ପାଣିଗ୍ରାହୀ, ନିବେଦିତା ମହାନ୍ତି ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଶିକ୍ଷାବିତ ଡ ଶୁଭଲକ୍ଷ୍ମୀ ଦାସ ସଂଯୋଜନା କରିଥିଲେ। ଏହି ଅବସରରେ ଆୟୋଜିତ ଯୋଗ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା କେଏସ୍. ଆହ୍ଲାଦିତା, ଦ୍ୱିତୀୟ ସ୍ଥାନରେ ଥିବା ଦେବାଧିପତି ନାୟକ, ତୃତୀୟ ସ୍ଥାନରେ ଥିବା ଅର୍ଣ୍ଣବ ରାଉତଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସ୍କୁଲର ସଦସ୍ୟ କୃଷ୍ଣପ୍ରସାଦ ଦାସ, ଚୌଧୁରୀ ଅଶ୍ୱିନୀ ଦାସ, ସୁଶାନ୍ତ ସ୍ୱାଇଁ, ସୌଭାଗ୍ୟରଞ୍ଜନ ମହାପାତ୍ର, ଜ୍ଞାନରଞ୍ଜନ ରାଉତରାୟ, ସତ୍ୟଜିତ ଗୋସ୍ୱାମୀ, ସୌମ୍ୟରଞ୍ଜନ ପାତ୍ର, କେ. ଯୋଗାନନ୍ଦ ପରିଚାଳନା କରିଥିଲେ।

### ଭାରତୀୟ ଯୋଗ ସଂସ୍ଥାନ

**କଟକ:** ଭାରତୀୟ ଯୋଗ ସଂସ୍ଥାନ, କଟକ ଯୋଗ ଜିଲ୍ଲା ଶାଖା ପକ୍ଷରୁ ଆଜି ମର୍କତନଗର ସେକ୍ଟର -୬ସ୍ଥିତ ଜୟପ୍ରକାଶ ନାରାୟଣ ପାର୍କ ଯୋଗ କେନ୍ଦ୍ରରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଓଡିଶା ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ବିମଳ ପ୍ରସାଦ ଦାସ ଏଥିରେ ମୁଖ୍ୟଅତିଥି ରୂପେ ବରିଷ୍ଠ ନାଗରିକମାନଙ୍କ ଭଳି ଯୁବକ ଯୁବତୀମାନେ ମଧ୍ୟ ନିୟମିତ ଯୋଗ ଓ ପ୍ରାଣାୟାମ ଅଭ୍ୟାସ କରିବା ଆବଶ୍ୟକ ବୋଲି




କହିଥିଲେ। କବିତା ପ୍ରଧାନଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରମୁଖ କେଦାରନାଥ ଜାଲି, ଡ଼ଃ ଶୈଳଜା ନନ୍ଦିନୀ ଜେନା, ଉପଦେଷ୍ଟା ଡ଼ଃ ସତ୍ୟ ରାୟ, ରାଜକିଶୋର ଦାଶ, ୟୁନିୟନ ବ୍ୟାଙ୍କର ବରିଷ୍ଠ ଅଧିକାରୀ ସିଦ୍ଧାର୍ଥ ଦାସ, ଜନ ଶିକ୍ଷଣ ସଂସ୍ଥାନର ଅଧିକାରୀ ସଂଜୀବ ମହାନ୍ତି ଯୋଗ ଦେଇଥିଲେ। ଯୋଗ ପ୍ରଶିକ୍ଷକ ପ୍ରଭାତ ପାଣି, ପ୍ରଦୀପ ପ୍ରଧାନ, ନିର୍ମଳ ରାୟ, ବାବାଜୀ ବେହେରା, ମନସ୍ୱିନୀ ପ୍ରଧାନ, ସୁଧାଂଶୁବାଳା ମହାନ୍ତି, ଜୟନ୍ତୀ ମଲ୍ଲିକ, କବିତା ମିଶ୍ର, ତ୍ରିନାଥ ମଲ୍ଲିକ, ଶଶିଭୂଷଣ ପ୍ରଧାନ, ରଶ୍ମି ମହାନ୍ତି ଓ ବିଦୁଲତା ଧୀର ଶିବିର ପରିଚାଳନା କରିଥିଲେ।

### ସେଣ୍ଟ ଜେଭିଅର୍ସ ହାଇସ୍କୁଲ

**କଟକ:** ମିଶନ ରୋଡ୍‌ସ୍ଥିତ ସେଣ୍ଟ ଜେଭିଅର୍ସ ହାଇସ୍କୁଲରେ ଯୋଗ ପାଠ୍ୟକ୍ରମରେ ସ୍ୱର୍ଣ୍ଣ ପଦକ ବିଜେତା ଶ୍ରୀକାନ୍ତ ପୃଷ୍ଟି, ବିଦ୍ୟାଳୟର ଅଧ୍ୟକ୍ଷା ରୂପା ମିଶ୍ରଙ୍କ ନେତୃତ୍ୱରେ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ବିଭିନ୍ନ ଯୋଗାସନ ଓ ପ୍ରାଣାୟାମ ପ୍ରଦର୍ଶନ କରିଥିଲେ। ବିଦ୍ୟାଳୟ ପକ୍ଷରୁ ଏପରି ସ୍ୱାସ୍ଥ୍ୟ ସଚେତନତାମୂଳକ କାର୍ଯ୍ୟକ୍ରମ ଭବିଷ୍ୟତରେ ମଧ୍ୟ ଜାରି ରହିବ ବୋଲି ବିଦ୍ୟାଳୟ ପ୍ରଧାଶିକ୍ଷୟିତ୍ରୀ କହିଛନ୍ତି।



### କଟକ କଲେଜ

**କଟକ:** କଟକ କଲେଜରେ ଅନ୍ତର୍ଜାତୀୟ ଯୋଗ ଦିବସ କଲେଜ ଅଧ୍ୟକ୍ଷା ଡକ୍ଟର ରୁନୁବାଳା ମହାରଣାଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ପତଞ୍ଜଳୀ ଯୋଗ ପ୍ରଶିକ୍ଷକ ଅମୂଲ୍ୟ ମହାନ୍ତି ବିଦ୍ୟାର୍ଥୀଙ୍କୁ ଯୋଗ ଶିକ୍ଷା ପ୍ରଦାନ ସହ ଏହାର ମହତ୍ତ୍ୱ ଆଲୋଚନା କରିଥିଲେ। ଅଧ୍ୟାପକ ଡକ୍ଟର ଦେବ ପ୍ରାସାଦ ପତି, ଏନ୍‌ଏସ୍‌ଏସ୍ ଅଫିସର ନମ୍ରତା ନାୟକ, ରେଡ୍‌କ୍ରସ୍ ଅଫିସର କୁମାର ପ୍ରଦୀପ୍ତ ମିଶ୍ର, ବାଣିଜ୍ୟ ଅଧ୍ୟାପକ ଡକ୍ଟର ଦେବେନ୍ଦ୍ର ଓଝା, ଅଧ୍ୟାପକ ମଣ୍ଟୁ ଜେନା ଓ ସଂଯୋଜିକା ଇନ୍ଦିରା ପ୍ରିୟଦର୍ଶିନୀ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। କ୍ରୀଡା ପ୍ରଶିକ୍ଷକ ସରୋଜ କୁମାର ଦାସ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଏନ୍‌ଏସ୍‌ଏସ୍ ଓ ରେଡ୍‌କ୍ରସ୍ ୟୁନିଟ୍ ସଦସ୍ୟଙ୍କ ସମେତ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।



### ନିଲମ୍ବିତ ଶିକ୍ଷକଙ୍କ ଖୋଲୁଛି ଗୁମର ପେଡ଼ି

# ୫୧୭ ଦିନ ବେନିୟମ ଛୁଟିରେ ରହି ହାତେଇଛନ୍ତି ଦରମା

ନିଶ୍ଚିନ୍ତକୋଇଲି, ୨୨।୬(ସମିସ): ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନ ପାଟପୁରସ୍ଥିତ ବାପୁଜୀ ସରକାରୀ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟ କରୁଥିବା ଶିକ୍ଷକ ସୀତାକାନ୍ତ ସାମଲଙ୍କୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଗତ ୯.୨.୨୦୨୬ରେ ଚାକିରିରୁ ନିଲମ୍ବନ କରାଯାଇଥିଲା। ପୂର୍ବରୁ ସେ ବିଭିନ୍ନ ବିଦ୍ୟାଳୟରେ କାର୍ଯ୍ୟ କରୁଥିବା ସମୟରେ ମୋଟ ୫୧୭ ଦିନ ଅଣସ୍ୱୀକୃତିପ୍ରାପ୍ତ ଛୁଟିରେ ରହିଥିଲେ। ଶିକ୍ଷାଧିକାରୀ କାର୍ଯ୍ୟାଳୟ ପକ୍ଷରୁ ତାଙ୍କୁ ନିୟମିତ ଦରମା ଦିଆଯିବା ସହ ସମସ୍ତ ସରକାରୀ ସୁବିଧା ସୁଯୋଗ ସେ ପାଇଥିବା ନେଇ ସୂଚନା ଅଧିକାର ଅଧିନିୟମ ତଥ୍ୟରୁ ଜଣାପଡିଛି। ସଂପୃକ୍ତ ଶିକ୍ଷକ କାର୍ଯ୍ୟ କରୁଥିବା ସମୟରେ ବିଭିନ୍ନ ବିଦ୍ୟାଳୟରେ କେତେଦିନ ଛୁଟିରେ ରହିଥିଲେ ସେ ସଂପର୍କରେ ଜଣେ ବ୍ୟକ୍ତି ଅମରେନ୍ଦ୍ର ସାମଲ ସୂଚନା ଅଧିକାର ଅଧିନିୟମରେ ତଥ୍ୟ ମାଗିବାରୁ ଏହି ସତ୍ୟତା ସାମନାକୁ ଆସିଛି।

ବୋଧଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟ କରୁଥିଲା ବେଳେ ୧୬ ଦିନ ଅଣମଞ୍ଜୁରୀ ସ୍ୱୀକୃତୀପ୍ରାପ୍ତ ଛୁଟିରେ ରହିଥିଲେ। ଆଞ୍ଜାପୁର ପ୍ରାଥମିକ ବିଦ୍ୟାଳୟରେ ୩୯ ଦିନ, ପାଟପାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୫୧ ଦିନ, ଦାମୋଦରପୁର ନୋଡାଲ ସ୍କୁଲରେ ୧୧୯ ଦିନ, ଗଡିଜଙ୍ଗ କଳିଙ୍ଗ ମଡେଲ ଉଚ୍ଚ ବିଦ୍ୟାଳୟରେ ୧୭୨ ଦିନ, ତରତ ହରଚଣ୍ଡୀ ୟୁପିମଇ ସ୍କୁଲରେ ୨ ଦିନ, ବାପୁଜୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୬ ଦିନ, କାକୁଡିଆପଡା ଉର୍ଦ୍ଧ୍ୱ ପ୍ରାଥମିକ ବିଦ୍ୟାଳୟରେ ୧୧୦ ଦିନ ଛୁଟିରେ ରହିଥିଲେ। ଏ ବାବଦରେ ବିଦ୍ୟାଳୟରେ କୌଣସି ମେଡିକାଲ ପ୍ରମାଣପତ୍ର କିମ୍ବା ଆବେଦନପତ୍ର ଦେଇ ନଥିବା ଜଣାପଡ଼ିଛି। ଏଭଳି ସ୍ଥିତିରେ ମଧ୍ୟ ତାଙ୍କୁ ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ପକ୍ଷରୁ ୨୦୧୭ରୁ ୨୦୨୫ ମଧ୍ୟରେ ନିୟମିତ ବେତନ ବୃଦ୍ଧି(ବାର୍ଷିକ ଇନକ୍ରିମେଣ୍ଟ) କରାଯାଇଛି। ପତ୍ରସଂଖ୍ୟା ୧୮୬୫/୮.୮.୨୦୨୩ ବଦଳି ତାଲିକା କ୍ରମାଙ୍କ ନମ୍ବର ୧୪ରେ ସଂପୃକ୍ତ ଶିକ୍ଷକଙ୍କୁ ଲେବୁଲ ଭି-ଏରୁ ଲେବୁଲ ଭି-ବିକୁ ପଦୋନ୍ନତି ମଧ୍ୟ ଦିଆଯାଇଛି। ଏହାଛଡା ସମସ୍ତ ଅଣମଞ୍ଜୁରୀ ସ୍ୱୀକୃତିପ୍ରାପ୍ତ ଛୁଟି ଦିବସଗୁଡିକୁ କାର୍ଯ୍ୟଦିବସ ଭାବେ ଗଣାଯାଇ ବିଲ କରାଯାଇ ଦରମା ମଧ୍ୟ ପ୍ରଦାନ କରାଯାଇଛି। ଏହି ସମୟସୀମାରେ ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟରେ କାର୍ଯ୍ୟରତ ଅଧିକାରୀ ଓ କିରାଣିମାନେ କେଉଁ ସ୍ୱାର୍ଥରେ ଏଭଳି ନିୟମ ବହିର୍ଭୂତ କାର୍ଯ୍ୟ କରିଥିଲେ ସେନେଇ ତଦନ୍ତର ଆବଶ୍ୟକ ରହିଛି। ଶିକ୍ଷକଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ ସେନେଇ ମଧ୍ୟ ପ୍ରଶ୍ନ ଉଠିଛି।

# ପ୍ରହସନ ପାଲଟିଛି ଯୁଗ୍ମ ଅଭିଯୋଗ ଶୁଣାଣି



ଟିଗିରିଆ, ୨୨।୬ (ସମିସ): ଟିଗିରିଆ ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର କଟକ ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ମୋଟ ୯୬ଟି ଅଭିଯୋଗ ପଞ୍ଜିକୃତ ହୋଇଥିବା ବେଳେ ସେଥିମଧ୍ୟରୁ ୮୩ଟି ଅଭିଯୋଗ ବ୍ୟକ୍ତିଗତ ଓ ୧୩ଟି ଅଭିଯୋଗ ସାମୂହିକ ରହିଥିଲା। ସାମୂହିକ ଅଭିଯୋଗ ମଧ୍ୟରେ ଦୁଇ ଜିଲ୍ଲା ପରିଷଦ ସଭ୍ୟ ସସ୍ମିତା ରାଉତ ଓ ସଞ୍ଜୟ କୁମାର ମଲ୍ଲିକଙ୍କ ନେତୃତ୍ୱରେ ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧି ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ନିମନ୍ତେ ନୂତନ ପାଠ୍ୟ ପୁସ୍ତକରେ ବ୍ୟାପକ ତ୍ରୁଟି ନେଇ ଜିଲ୍ଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କୁ ଏହାର ପ୍ରତ୍ୟାହାର ସହ ସଂଶୋଧିତ ପାଠ୍ୟ ପୁସ୍ତକ ଯୋଗାଇଦେବା ପାଇଁ ଦାବି କରିଛନ୍ତି। ବ୍ଲକରେ ହଜାର ହଜାର ଭତ୍ତା ହିତାଧିକାରୀ ଗତ ତିନିମାସ ଧରି ଭତ୍ତା ଟଙ୍କା ନପାଇ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିବା ନେଇ ବିଭିନ୍ନ ପଞ୍ଚାୟତର ଜନ ପ୍ରତିନିଧିଙ୍କ ନିକଟରେ ଅଭିଯୋଗ କରିଥିଲେ। ବ୍ଲକରେ ମେଗା ପାନୀୟଜଳ ପ୍ରକଳ୍ପ ଅଧପନ୍ତରିଆ ପଡ଼ି ରହିଛି। ଯଥାଶୀଘ୍ର ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ କରି ଲୋକଙ୍କୁ ଜଳଯୋଗାଣ କରିବା ପାଇଁ ଜନପ୍ରତିନିଧିମାନେ ଦାବି କରିଥିଲେ। ତେବେ, ବ୍ଲକ ପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କ ଜନଶୁଣାଣି ନେଇ ସଠିକ ଢଙ୍ଗରେ ପ୍ରଚାର ପ୍ରସାର କରିନଥିବାରୁ ବ୍ଲକର ଅଧିକାଂଶ ଲୋକ ଏହି ଶିବିର ସମ୍ପର୍କରେ ଅବଗତ ନଥିଲେ। ଫଳରେ ଶିବିରରେ ବହୁତ କମ ସଂଖ୍ୟାରେ ଲୋକ ଦେଖିବାକୁ ମିଳିଥିଲା। ଏଥିସହିତ ଜିଲ୍ଲାପାଳ ଶିବିରରେ ମାତ୍ର ୧ ଘଣ୍ଟା ରହି ଦିନ ୧୧ ଟା ୪୦ରେ ଶିବିରରୁ ପଳେଇଲା ପରେ ଅନ୍ୟ ଉଚ୍ଚପଦସ୍ଥ ଅଧିକାରୀ ଶିବିରରୁ ଛାଡି ଚାଲିଯାଇଥିଲେ। ଶେଷ ଭାଗରେ ଆସିଥିବା ଅଭିଯୋଗକାରୀଙ୍କୁ ନିରାଶ ହେବାକୁ ପଡ଼ିଥିଲା। ଜନଶୁଣାଣି ଶିବିର ଏକପ୍ରକାର ପ୍ରହସନ ପାଲଟିଛି ଆଲୋଚନା ହେଉଛି। ଶିବିରରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବିନିତ ଅଗ୍ରୱାଲ, ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ନାୟକ, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ପୁଷ୍ପିତା ମହାନ୍ତି, ଉପ ଜିଲ୍ଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା, ପଞ୍ଚାୟତ ସମିତି ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ବିଡ଼ିଓ ସଂଗ୍ରାମ କେଶରୀ ଭୋଳ, ତହସିଲଦାର ଧର୍ମରଞ୍ଜନ ପଣ୍ଡା, ଏସଡିପିଓ ବିଶ୍ୱଜିତ ମହାନ୍ତି, ଏବିଡ଼ିଓ ଯାଜ୍ଞସିନୀ ଗୋଛାୟତ, ବ୍ଲକ ମେଡ଼ିକାଲ ଅଫିସର ଡାକ୍ତର ମନୋରଞ୍ଜନ ପଣ୍ଡା ଙ୍କ ସମେତ ଅନ୍ୟାନ୍ୟ ବିଭାଗର ଅଧିକାରୀ, କର୍ମଚାରୀ, ବ୍ଲକ କାର୍ଯ୍ୟାଳୟ ଅଧିକାରୀ, କର୍ମଚାରୀଙ୍କ ସମେତ ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧି ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।

## ଜବରଦଖଲ ଉଚ୍ଛେଦରେ ତହସିଲ୍ ପ୍ରଶାସନର ପଛଘୁଞ୍ଚା !

ନିଶ୍ଚିନ୍ତକୋଇଲି, ୨୨।୬(ସମିସ): ନିଶ୍ଚିନ୍ତକୋଇଲି ତହସିଲ ପ୍ରଶାସନର ଦାୟିତ୍ୱହୀନତା ପାଇଁ ଦିଆଯାଇଥିବା ସମୟସୀମା ଶେଷ ହୋଇଥିଲେ ମଧ୍ୟ ଏକ ସରକାରୀ ରାସ୍ତାରୁ ଜବରଦଖଲ ଉଚ୍ଛେଦ ହେଉ ନଥିବା ଅଭିଯୋଗ ହୋଇଛି। ରାଜ୍ୟ ରାଜସ୍ୱ ମନ୍ତ୍ରୀ ସରକାରଙ୍କ ଏକ ଡିସିମିଲ ଜମିକୁ ଜବରଦଖଲ କରାଇ ଦିଆଯିବ ନାହିଁ ବୋଲି ଡିଣ୍ଡିମ ପିଟୁଥିବା ବେଳେ ନିଶ୍ଚିନ୍ତକୋଇଲି ତହସିଲ ପ୍ରଶାସନ ପକ୍ଷରୁ ଏହାର ଚରମ ବ୍ୟତିକ୍ରମ ଦେଖାଦେଇଛି। ଏହି ତହସିଲ ଅଧୀନସ୍ଥ ନତକାଇ ଗ୍ରାମର ବିଶ୍ୱାଳସାହି ରାସ୍ତାକୁ ଦୀର୍ଘ ଦିନ ହେବ କେତେକ ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତି ଜବରଦଖଲ କରି ରଖିଛନ୍ତି। ଫଳରେ ଯାତାୟାତରେ ସମସ୍ୟା ଉପୁଜିବାରୁ ଏ ସଂକ୍ରାନ୍ତରେ ତହସିଲଦାର ଓ ଜିଲ୍ଲାପାଳଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିଲା। ଶେଷରେ ପ୍ରଶାନ୍ତ କୁମାର ବିଶ୍ୱାଳ ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେଇଥିଲେ। ଉଚ୍ଚନ୍ୟାୟାଳୟର ନିର୍ଦ୍ଦେଶକ୍ରମେ ଗତ ୧୨.୬.୨୦୨୬ରେ ତହସିଲ କାର୍ଯ୍ୟାଳୟ ପକ୍ଷରୁ ମାଜିଷ୍ଟ୍ରେଟ୍ ଭାବେ ଅତିରିକ୍ତ ତହସିଲଦାର ଅଭୟ କୁମାର ପଡିଆରୀ ଜେସିବି ଓ ପୁଲିସ ଫୋର୍ସ ନେଇ ଜବରଦଖଲ ହଟାଇବାକୁ ଯାଇଥିଲେ ମଧ୍ୟ ଉଚ୍ଛେଦ ନକରି ଜବରଦଖଲକାରୀଙ୍କୁ ୭ ଦିନ ସମୟ ଦେଇ ଫେରିଆସିଥିଲେ। ଏହାପରେ ୧୦ଦିନ ବିତି ଯାଇଥିଲେ ମଧ୍ୟ ତହସିଲ ପ୍ରଶାସନ ପକ୍ଷରୁ ଏହି ଜବରଦଖଲ ଉଚ୍ଛେଦ କରାଯାଇ ନାହିଁ। କ'ଣ ପାଇଁ ତହସିଲ ପ୍ରଶାସନ ପକ୍ଷରୁ ଜବରଦଖଲକାରୀଙ୍କୁ ସୁରକ୍ଷା ପ୍ରଦାନ କରାଯାଉଛି ସେନେଇ ସାଧାରଣରେ ପ୍ରଶ୍ନ ଉଠିଛି। ତହସିଲ ପ୍ରଶାସନ କେବେ ଜବରଦଖଲ ଉଚ୍ଛେଦ କରି ଲୋକମାନଙ୍କର ସମସ୍ୟା ଦୂର କରିବ ତାହା ଆଲୋଚନା ପରିସରରେ ରହିଛି।

## ସାମ୍ବାଦିକ ଦୀପକ ସାହୁଙ୍କୁ ଶ୍ରଦ୍ଧାଞ୍ଜଳି



ମାହାଙ୍ଗା,୨୨।୬(ସମିସ): ସାମ୍ବାଦିକ ଦୀପକ କୁମାର ସାହୁଙ୍କ ଅକାଳ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅଖିଳେଶପଦ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ରଶ୍ମିରଂଜନ ମହାନ୍ତି, ବିଜୟ ଜେନା, ତାପସ ବିଶ୍ୱାଳ, ସତ୍ୟବ୍ରତ ବାରିକ, ଦୟାନିଧି ସାହୁ, ଶିବଚରଣ ଜେନା, କ୍ରିଷ୍ଣକାନ୍ତ ଷଡଙ୍ଗୀ, ରବିନାରାୟଣ ଦାସ, ଯାଜ୍ଞେଶ୍ୱର ବିଶ୍ୱାଳ, ରମେଶ ଦାସ, ସୁରେଶ ବଳ, ପ୍ରଦୀପ୍ତ ମହାରଣା, ବିକାଶ ମହାନ୍ତି, ରାମକୃଷ୍ଣ ସାହୁ, ହରିହର ସାହୁ, ଉମାକାନ୍ତ ଜେନା, ପ୍ରଶାନ୍ତ ମିଶ୍ର, ମହେଶ୍ୱର ବେହେରା, ଦିବାକର ରାଉତ, ଅକ୍ଷୟ ରାଉଳ, ଶ୍ୟାମସୁନ୍ଦର ପଲେଇ, ଉତ୍ତମ ପ୍ରସାଦ ରାଉତ, ପ୍ରଭାତ ଜେନା, ତୁଷାରଜ୍ୟୋତି ନାୟକ, ପବିତ୍ର ଓଝା, ସଂଯୁକ୍ତା ସାହୁ, ରଞ୍ଜନ ବାରିକ, ଡଲି ବେହେରା, ହିମାଂଶୁ ପୃଷ୍ଟି, ସପ୍ତଜ୍ୟୋତି ରାଉଳ, ଦେବେନ୍ଦ୍ର ଷଡଙ୍ଗୀ, ହେମନ୍ତ ଦାସ, ଦାମୋଦର ପରିଡା, ପ୍ରଦୀପ୍ତ ବିଶ୍ୱାଳ, ଜଗନ୍ନାଥ ମଲ୍ଲିକ, ବିଜୟ କୁଅଁର, ଅଭିଷେକ ରାୟ, ଆଲୋକ ସେଠୀ ପ୍ରମୁଖ ସାମ୍ବାଦିକ ସ୍ୱର୍ଗତ ସାହୁଙ୍କ ବ୍ୟକ୍ତିତ୍ୱ ଉପରେ ଆଲୋକପାତ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

## ପ୍ରାଧ୍ୟାପକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ମାହାଙ୍ଗା, ୨୨।୬(ସମିସ): ଜେଏନ କଲେଜ ଛକସ୍ଥିତ ଦ୍ରିଷ୍ଟି ଶିକ୍ଷାନୁଷ୍ଠାନରେ ଜବାହରଲାଲ୍ ନେହରୁ ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନ ବିଭାଗ ତରଫରୁ ପ୍ରାଧ୍ୟାପକ ଅଶୋକ କୁମାର ସିଂହଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ଅଧ୍ୟାପକ ଚିତ୍ତରଞ୍ଜନ ବରାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସାମ୍ବାଦିକ ବିଜୟ କୁମାର ଜେନା, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଜିତେଶ କୁମାର ମହାନ୍ତି ଯୋଗ ଦେଇଥିଲେ। ପୁରାତନ ଛାତ୍ର ଅଧ୍ୟାପକ ବିଭୁପ୍ରସାଦ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ଚିତ୍ତରଞ୍ଜନ ବରାଳ ମାନପତ୍ର ପାଠ କରିଥିଲେ। କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଶ୍ରୀ ସିଂହଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରଶ୍ମିରଞ୍ଜନ ମହାନ୍ତି, ରୁଦ୍ରନାରାୟଣ ସ୍ୱାଇଁ, ସ୍ୱାଗତିକା ରାଉତ ଓ ଦୀପ୍ତିମୟୀ ଜେନା ପରିଚାଳନା କରିଥିଲେ। ନିରୁପମା ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ।

## ହିତାଧିକାରୀଙ୍କୁ ନୂଆ ରାସନ କାର୍ଡ ବଣ୍ଟନ



କଣ୍ଠାପଡ଼,୨୨।୬(ସମିସ): କଣ୍ଠାପଡ଼ା ବ୍ଲକ ପ୍ରଶାସନ ପକ୍ଷରୁ କଣ୍ଠାପଡ଼ା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟପ୍ରାଙ୍ଗଣରେ ନୂଆ ୪୦୦ ହିତାଧିକାରୀଙ୍କୁ ରାସନ କାର୍ଡ ଏବଂ ୩ ଜଣ ଦିବ୍ୟାଙ୍ଗଙ୍କୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଟ୍ରାଇ ସାଇକଲ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ନିଆଳି ବିଧାୟକ ଛବି ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ରାସନ କାର୍ଡ ଓ ଟ୍ରାଇ ସାଇକଲ ବଣ୍ଟନ କରିଥିଲେ। ବ୍ଲକ ପ୍ରଶାସନ ପକ୍ଷରୁ ବିଡିଓ ସ୍ୱପ୍ନିତା ନାୟକ, ଅତିରିକ୍ତ ବିଡିଓ ରବି ତପସ୍ୱିନୀ ଦାସ, ଅନ୍ୟାନ୍ୟ ବିଭାଗର ଅଧିକାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅନ୍ୟତମ ସମ୍ମାନିତ ଅତିଥି ଭାବେ ବ୍ଲକ ଆମ୍ବା ଅଧ୍ୟକ୍ଷ ବିଜୁ ପାତ୍ର, କଣ୍ଠାପଡା ସରପଞ୍ଚ ନିର୍ମଳ ସାହୁ ଓ ଡିମିରି ସରପଞ୍ଚ ଅଭିଷେକ ମହାପାତ୍ର ଯୋଗ ଦେଇଥିଲେ।

## ତିନିଦିନିଆ ଶୀତଳ ଷଷ୍ଠୀ ମହୋତ୍ସବ ଉଦ୍‌ଯାପିତ




ଫୁଲନଖରା, ୨୨।୬ (ସମିସ): ନଖରା ମୌଜାସ୍ଥିତ ଶ୍ରୀଲକ୍ଷେଶ୍ୱର ମହାଦେବଙ୍କ ପୀଠରେ ଶୀତଳଷଷ୍ଠୀ ଅବସରରେ ମନ୍ଦିର ପରିସରରେ ନିର୍ଝର କଲ୍‌ଚରାଲ୍ ଏକାଡେମୀ ପକ୍ଷରୁ ଅନୁଷ୍ଠିତ ଶୀତଳ ଷଷ୍ଠୀ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ତୃତୀୟଦିନ ସଂଧ୍ୟାରେ ନିର୍ଝର କଲଚରାଲ୍ ଏକାଡେମୀର ନୃତ୍ୟଶିଳ୍ପୀଙ୍କ ଦ୍ୱାରା ଗୁରୁ ଭାଗ୍ୟଶ୍ରୀ ଦାସଙ୍କ ନିର୍ଦ୍ଦେଶିତ ନବଦୁର୍ଗା, ବାରମାସେ ତେରପର୍ବ ଓ ରଜପର୍ବ ଆଧାରିତ ସଂଗୀତଭିତ୍ତିକ ନୃତ୍ୟ ଦର୍ଶକଙ୍କୁ ବିମୋହିତ କରିଥିଲା। ସାମ୍ବାଦିକ କାନନ ବିହାରୀ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବରେ ସମାଜସେବୀ ସଦାଶିବ ଜେନା, ଶିକ୍ଷାବିତ୍ ଗୁଣନିଧି ପଟ୍ଟନାୟକ, ମନ୍ଦିର ଟ୍ରଷ୍ଟି ବଂଶୀଧର ଭୋଳ, ସାମ୍ବାଦିକ ରାଜକିଶୋର ବେହେରା ଓ ଶିବପ୍ରସାଦ ପଟ୍ଟନାୟକ ପ୍ରମୁଖ ଗୁରୁ ଡଃ ସଂଜୟ ସାମଲଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ନିର୍ଝର ଏକାଡେମୀର ନୃତ୍ୟଶିଳ୍ପୀଙ୍କୁ ପ୍ରମାଣପତ୍ର ପ୍ରଦାନ ପୂର୍ବକ ଉତ୍ସାହିତ କରିଥିଲେ। ସମାଜସେବା କ୍ଷେତ୍ରରେ ଓ ନୃତ୍ୟକ୍ଷେତ୍ରରେ ପାରଦର୍ଶୀ ବ୍ୟକ୍ତିବିଶେଷଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି।

## ନଡ଼ିଆଗୁରୁଡ଼ି ରଥଯାତ୍ରା ପାଇଁ ପ୍ରସ୍ତୁତି



ଫୁଲନଖରା, ୨୨।୬ (ସମିସ): ଚଳିତବର୍ଷ ରଥଯାତ୍ରା ଉପଲକ୍ଷେ କଟକ ସଦର ଥାନା ଅନ୍ତର୍ଗତ କୁରାଙ୍ଗଶାସନ (ନଡିଆଗୁରୁଡି)ରେ ଥିବା ଜଗନ୍ନାଥ ମନ୍ଦିରର ରଥଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ଜଗନ୍ନାଥ ଆଧ୍ୟାତ୍ମିକ ଚେତନା ପରିଷଦର ସଭାପତି ଗିରିଧାରି ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ବୈଠକରେ ଜୋନ୍-୪ ଏସିପି ଅମିତାଭ ମହାପାତ୍ର, ଆଇଆଇସି ତୁଷାରକାନ୍ତ ସେଠୀ ଓ ସ୍ଥାନୀୟ ସରପଞ୍ଚ ରୋହିଣୀ ଭୋଇ ଅତିଥି ଭାବରେ ଯୋଗଦେଇଥିଲେ। ଆସନ୍ତା ୧୬ ତାରିଖରେ ପ୍ରସିଦ୍ଧ ରଥଯାତ୍ରା ଏବଂ ୨୪ ତାରିଖରେ ବାହୁଡା ଯାତ୍ରା ଉପଲକ୍ଷେ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା ହୋଇଥିଲା। ଶ୍ରୀଜୀଉମାନେ ମନ୍ଦିରରୁ ପହଣ୍ଡିବିଜେ କରି ୬୦ନଂ ରାଜ୍ୟ ରାଜପଥରେ ପ୍ରସ୍ତୁତ ହୋଇ ରହିଥିବା ରଥ ଉପରକୁ ବିଜେ କରିବେ। ଅପରାହ୍ଣ ୫ଟା ସମୟରେ ରଥଟଣା କାର୍ଯ୍ୟ ଆରମ୍ଭ କରାଯିବା ସହ ପ୍ରାୟ ଦେଢ଼ ଘଣ୍ଟା ସମୟ ବ୍ୟବଧାନରେ ଆଶ୍ରମବଜାରସ୍ଥିତ ମାଉସୀମା' ଘରେ ପହଞ୍ଚିବେ ବୋଲି ପରିଷଦର କର୍ମକର୍ତ୍ତା ପ୍ରକାଶ କରିଥିଲେ। ସଦର ଥାନା ପକ୍ଷରୁ ୨ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯିବା ସହିତ ଯାନବାହାନ ଚଳାଚଳକୁ ଆରକ୍ଷୀ ବାହିନୀଙ୍କ ଦ୍ୱାରା ନିୟନ୍ତ୍ରଣ କରାଯିବ ବୋଲି ଏସିପି ପ୍ରକାଶ କରିଥିଲେ। ସ୍ୱେଚ୍ଛାସେବୀଙ୍କୁ ପୁଲିସ ପରିଚୟପତ୍ର ପ୍ରଦାନ କରାଯିବ। ଏହି ପ୍ରସ୍ତୁତି ବୈଠକରେ ପରିଷଦର ସଂପାଦକ କାର୍ତିକଚନ୍ଦ୍ର ସାହୁ, କବି ନାରାୟଣ ଜେନା, ସତ୍ୟନାରାୟଣ ମହାନ୍ତି, ଅଜୟ ପତି, ଅରୁଣ ସାହୁ, ମୁରଲୀଧର ବେହେରା, ଅଶୋକ ସାହୁ, ନିରଞ୍ଜନ ମହାନ୍ତି, ସନାତନ ସାହୁ, ବିଜୟ ମଲିକ, ସୁନତ ଭୋଇ, କ୍ଷେତ୍ରବାସୀ ଦାଶ, ବିଜୟ ସାହୁ, ସୁବ୍ରତ ବିଶ୍ୱାଳ, ବିଜୟ ମିଶ୍ର, ଅଶୋକ ଜେନା, କୈଳାସଚନ୍ଦ୍ର ସାହୁ, ପ୍ରକାଶ ନାୟକ, ସୁମିତ୍ରା ସାହୁ, ବିନାୟକ ବେହେରା ଓ ବିଶ୍ୱଜିତ୍ ବେହେରା ଅଂଶଗ୍ରହଣ କରିଥିଲେ।

## ଗ୍ରାମାଞ୍ଚଳ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ନରସିଂହପୁର, ୨୨।୬ (ସମିସ): କମଲାଡିହ ପଞ୍ଚାୟତ ମିନି ଷ୍ଟାଡିୟମରେ ମା' ଭୁବନେଶ୍ୱରୀ କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ସାତଦିନିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ୧୬ଟି ଦଳ ମଧ୍ୟରୁ ଫାଇନାଲ ମ୍ୟାଚ ସୋମବାର କମଲାଡିହ ଓ ଓଡିଶିଙ୍ଗା କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଦେବୀପ୍ରସାଦ ମିଶ୍ର, ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ନାରାୟଣ ନାୟକ, ସମିତିସଭ୍ୟା ସସ୍ମିତା ପାଣ୍ଡ, ବିଜେଡି ଜିଲ୍ଲା ସମ୍ପାଦକ ଶକ୍ତି ମିଶ୍ର, ସଭାପତି କୀର୍ତ୍ତି ଶତପଥୀ, ତୈଳୀକ ବୈଶ୍ୟ ସମାଜ ନରସିଂହପୁରର ରାଜ୍ୟ ସମ୍ପାଦକ ବୈକୁଣ୍ଠ ସାହୁ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଚାମ୍ପିଅନ ଦଳ, ରନର୍ସ ଦଳ, ସିରିଜର ଶ୍ରେଷ୍ଠ ବୋଲର, ବ୍ୟାଟ୍ସମ୍ୟାନ୍, ମ୍ୟାନ୍ ଅଫ୍ ଦ ମ୍ୟାଚ୍, ଶ୍ରେଷ୍ଠ ଫିଲ୍ଡର ଓ ସ୍ୱେଚ୍ଛାସେବୀଙ୍କୁ ପୁରସ୍କୃତ କରାଯାଇଥିଲା। କୃଷ୍ଣଚନ୍ଦ୍ର ବେହେରା, ମଦନ ସେଠ୍, ଅଚ୍ୟୁତ ସାହୁ, ପବିତ୍ର ପ୍ରଧାନ, ଚିନ୍ମୟ ରଣା, ସତ୍ୟ ଦାସ, ପ୍ରମୋଦ ସାହୁ ପ୍ରମୁଖ ଯୋଗ ଦେଇଥିଲେ।



## କଥା ସମ୍ରାଟ ସୁରେନ୍ଦ୍ର ମହାନ୍ତିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ



ସାଲେପୁର,୨୨।୬(ସମିସ): କଥା ସମ୍ରାଟ ସୁରେନ୍ଦ୍ର ମହାନ୍ତିଙ୍କ ଜନ୍ମସ୍ଥାନ ସାଲେପୁର ବ୍ଲକ୍‌ର ପୁରୁଷୋତ୍ତମପୁର ଗ୍ରାମରେ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ସୁରେନ୍ଦ୍ର ମେମୋରିଆଲ୍ କ୍ଲବ୍‌ର ମିଳିତ ଆନୁକୂଲ୍ୟରେ କଥା ସମ୍ରାଟ ସୁରେନ୍ଦ୍ର ମହାନ୍ତିଙ୍କ ୧୦୪ତମ ରାଜ୍ୟସ୍ତରୀୟ ଜୟନ୍ତୀ ପାଳିତ ହୋଇଯାଇଛି। ଅପରାହ୍ଣରେ ସୁରେନ୍ଦ୍ର ମେମୋରିଆଲ୍ କ୍ଲବ୍ ସଂପାଦକ ଦେବେନ୍ଦ୍ର ସ୍ୱାଇଁଙ୍କ ସଂଯୋଜନାରେ ଏବଂ ପୁରୁଷୋତ୍ତମପୁର ଗ୍ରାମ କମିଟି ସଭାପତି ଶରତଚନ୍ଦ୍ର ଦାଶଙ୍କ ସଭାପତିତ୍ୱରେ ଏକ ସ୍ମୃତିସଭାରେ ମୁଖ୍ୟଅତିଥି ଭାବେ ଡଃ ରଣଜିତ ପରିଡା, ମୁଖ୍ୟବକ୍ତା ଭାବେ ଡଃ ଗିରୀଶଚନ୍ଦ୍ର ସାହୁ, ସମ୍ମାନିତ ବକ୍ତା ଭାବେ ଡଃ ସଚ୍ଚିଦାନନ୍ଦ ବେହେରା, ସମ୍ମାନିତ ଅତିଥି ଭାବେ ଡଃ ଭାବଗ୍ରାହୀ ରାଉତ ଏବଂ ଡଃ ସସ୍ମିତା ପଟ୍ଟନାୟକ ସୁରେନ୍ଦ୍ର ମହାନ୍ତିଙ୍କ ସ୍ମୃତିଚାରଣ କରିଥିଲେ। ଓଡିଶା ସାହିତ୍ୟ ଏକାଡେମୀର ସହ ସଚିବ ସଂଜୟ କୁମାର ଛୁଆଲସିଂ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବିଶ୍ୱରଂଜନ ସାହୁ ଧନ୍ୟବାଦ ଦେଇଥିଲେ। ସାହିତ୍ୟିକ ଚନ୍ଦ୍ରମଣି ଭୂୟାଁ, ସୁରେନ୍ଦ୍ର ମହାରଣା, ଗଗନ ମିଶ୍ର, ସମିତି ସଦସ୍ୟ ସରୋଜ ମହାନ୍ତିଙ୍କ ସମେତ ବହୁ ସୁରେନ୍ଦ୍ରପ୍ରେମୀ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ୱେଚ୍ଛାକୃତ ରକ୍ତଦାତାଙ୍କୁ ରକ୍ତବୀର ସମ୍ମାନରେ ସମ୍ମାନିତ କରାଯାଇଥିଲା।

## ୮ରେ ନିରଞ୍ଜନ ରଥଙ୍କ ପ୍ରଥମ ଶ୍ରାଦ୍ଧୋତ୍ସବ

ଆଠଗଡ଼,୨୨।୬ (ସମିସ): ଆଠଗଡ଼ରେ ମାଟିର ସନ୍ତାନ ସ୍ୱର୍ଗତ ନିରଞ୍ଜନ ରଥଙ୍କ ପ୍ରଥମ ଶ୍ରାଦ୍ଧୋତ୍ସବ ଜୁଲାଇ ୮ ତାରିଖରେ ପାଳିତ ହେବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଲୋକସେବକ ମଣ୍ଡଳର ଆଜୀବନ ସଦସ୍ୟ ତଥା ବିଶିଷ୍ଟ ସାମ୍ବାଦିକ ନିରଞ୍ଜନ ରଥଙ୍କର ଗତବର୍ଷ ଦେହାନ୍ତ ହୋଇଥିଲା। ଚଳିତ ବର୍ଷ ତିଥି ଅନୁଯାୟୀ, ଜୁଲାଇ ୮ରେ ଶ୍ରାଦ୍ଧୋତ୍ସବ ପାଳିତ ହେବ। ସ୍ୱର୍ଗତ ରଥଙ୍କ ପରିବାର ଓ ନିରଞ୍ଜନ ରଥ ସ୍ମୃତି ସଂସଦ ପକ୍ଷରୁ ଶ୍ରାଦ୍ଧବାର୍ଷିକୀ ପାଳନ କରିବା ପାଇଁ ନିଷ୍ପତ୍ତି ହୋଇଛି। ସ୍ମୃତି ସଂସଦ ସଭାପତି ରାମନାରାୟଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରଥମ ପ୍ରସ୍ତୁତି ବୈଠକରେ ସ୍ୱର୍ଗତ ରଥଙ୍କ ଭାତୃବଧୂ ଶିକ୍ଷାବିତ କୁମୁଦିନୀ ପଣ୍ଡା, ସମାଲୋଚକ ତଥା ସାହିତ୍ୟିକ ଡଃ ନାରାୟଣ ପଣ୍ଡା, ସମାଜସେବୀ ତଥା କ୍ରୀଡାବିତ ସୋମନାଥ ଭକ୍ତା, ବରିଷ୍ଠ ନାଗରିକ ସୁବାସଚନ୍ଦ୍ର ରାଉତ, ସାମ୍ବାଦିକ ନୀଳକଣ୍ଠ ଦୋରା, ହନୁମାନ କୃପା ପରିଷଦର ସଭ୍ୟବୃନ୍ଦ ଆଲୋଚନା କରିଥିଲେ। ଆସନ୍ତା ଶୁକ୍ରବାର ପୁନର୍ବାର ବୈଠକରେ ଚୂଡାନ୍ତ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ସୂଚନା ମିଳିଛି।





## ଓଷଦ-ସଉରୀହାଟ ରାସ୍ତା ଅବସ୍ଥା ଶୋଚନୀୟ

ସାଲେପୁର,୨୨।୬(ସମିସ): ସାଲେପୁର ବ୍ଲକ୍ ସଉରୀ ପଞ୍ଚାୟତର ଓଷଦ-ସଉରୀ ଗ୍ରାମ୍ୟ ଉନ୍ନୟନ ରାସ୍ତା ଶୋଚନୀୟ ହୋଇପଡିଛି। ଏହି ରାସ୍ତା ଦେଇ ସଉରୀ, କିଶିନାପୁର, ମହାସିଂହପୁର, ବାଲିସମଳା, ସତ୍ୟଭାମାପୁର, ପୁରଣ, ଜପକୁଦ ଓ ଆଖପାଖ ଅଞ୍ଚଳର ଲୋକମାନେ ଦୈନନ୍ଦିନ ଯାତାୟତ କରିଥାନ୍ତି। ୨୦୨୧ରେ ସାଲେପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏହି ରାସ୍ତା ନିର୍ମାଣ କରାଯାଇଥିଲା। ଏହି ରାସ୍ତାରେ ରାତିରୁ ସକାଳ ପର୍ଯ୍ୟନ୍ତ ଭାରୀ ଯାନ ଯାତାୟତ କରିବା ଫଳରେ ବର୍ତ୍ତମାନ ଅତ୍ୟନ୍ତ ଶୋଚନୀୟ ହୋଇପଡିଛି। ରାସ୍ତାର ପୁନରୁଦ୍ଧାର କରିବାପାଇଁ ଅନେକ ଥର ବିଭାଗୀୟ କର୍ତ୍ତୃପକ୍ଷଙ୍କଠାରେ ଦାବି ହୋଇଥିଲେ ମଧ୍ୟ ଏ ଦିଗରେ କେହି କର୍ଣ୍ଣପାତ କରୁନାହାଁନ୍ତି। ଆଖପାଖ ଅଞ୍ଚଳର ପଥଚାରୀଙ୍କ ସୁବିଧା ଦୃଷ୍ଟିରୁ ଏହି ରାସ୍ତାର ମରାମତି କରିବାପାଇଁ ସମାଜସେବୀ ଅବତନ ଷଡଙ୍ଗୀ ଦାବି କରିଛନ୍ତି।

# ରାସ୍ତା ମରାମତିରେ ବିଳମ୍ବ ନେଇ ଅସନ୍ତୋଷ

ନିଶ୍ଚିନ୍ତକୋଇଲି ୨୨।୬(ସମିସ)



ନିଶ୍ଚିନ୍ତକୋଇଲି ବ୍ଲକ ଜିଗ୍ନିପୁର ପଞ୍ଚାୟତ ବାହାବଳପୁର ଗ୍ରାମରୁ ତହସିଲ ରାସ୍ତାକୁ ସଂଯୋଗ କରୁଥିବା ଢଳେଇ ରାସ୍ତାଟିର ଅବସ୍ଥା ଦୀର୍ଘ ଦିନ ହେବ ଶୋଚନୀୟ ହୋଇ ପଡିଛି। ଏହି ରାସ୍ତାକୁ ବିଗତ ୫ ବର୍ଷ ତଳେ ୧୦୦ ମିଟର ଢଳେଇ କରାଯାଇଥିବା ବେଳେ ଏହା ଫାଟି ଭାଙ୍ଗି ଖଣ୍ଡ ଖଣ୍ଡ ହୋଇଯାଇଛି। ଉକ୍ତ ରାସ୍ତାକୁ ମରାମତି କରିବା ପାଇଁ ପଞ୍ଚଦଶ ଅର୍ଥ କମିଶନ ଅର୍ଥରେ ୨ ଲକ୍ଷ ୪୯ ହଜାର ୭୫୬ ଟଙ୍କା ଯୋଗାଇ ଦିଆଯାଇଛି। ବିଭାଗୀୟ ଯନ୍ତ୍ରୀଙ୍କ ନାମରେ କାର୍ଯ୍ୟାଦେଶ ରହିଥିଲେ ମଧ୍ୟ କେତେକ କୁଜିନେତା ଏହାକୁ ଠିକାକାମ କରିବା ପାଇଁ ନିୟୋଜିତ ହୋଇଥିଲେ। ଏହି ରାସ୍ତାକୁ ମରାମତି କରିବା ପାଇଁ ଠିକାଦାରମାନେ ବିଗତ ୩ ମାସ ହେବ ଖୋଳି ଦେଇ ପକାଇ ରଖିଥିବା ଦେଖିବାକୁ ମିଳିଛି। ଫଳରେ ଏହି ରାସ୍ତା ଦେଇ ଯାତାୟାତ କରିବା ପାଇଁ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉକ୍ତ ରାସ୍ତାଟି ଖଣ୍ଡଗାଁ-ରସୁଲପୁର ଗ୍ରାମ୍ୟ ଉନ୍ନୟନ ତଥା ତହସିଲ ରାସ୍ତାକୁ ସଂଯୋଗ କରୁଥିବାରୁ ପ୍ରତ୍ୟେକ ଦିନ ଏହି ରାସ୍ତା ଦେଇ ବହୁ ଲୋକ ସ୍କୁଲ ଛାତ୍ର ଛାତ୍ରୀ ଯାତାୟାତ ପାଇଁ ନିର୍ଭର କରିଥାଆନ୍ତି। ରାସ୍ତାର ଅବସ୍ଥା ଅତ୍ୟନ୍ତ କଦର୍ଯ୍ୟ ହୋଇ ପଡିଥିବାରୁ ଲୋକମାନେ ଏହି ରାସ୍ତା ଦେଇ ଯାତାୟାତ କରୁଥିବା ସମୟରେ ଦୁର୍ଘଟଣାମାନ ଘଟୁଥିବା ଦେଖାଯାଇଛି। ତୁରନ୍ତ ଏହି ଢଳେଇ ରାସ୍ତାକୁ ମରାମତି କରିବା ପାଇଁ ବାହାବଳପୁର ଗ୍ରାମବାସୀ ଦାବି କରିଛନ୍ତି।

